ଭାସି ଯାଆ ମୋର କାଗଜ ଡଙ୍ଗା

ପବନ ବହୁଛି ଝିପିଝିପି ମେଘ ବରଷଇ,
ବିଜୁଳି ଚମକେ ଘଡ଼ଘଡ଼ି ଡାକେ ରହିରହି ।
କେତେ ମଜା ଲାଗେ ଓଳିରୁ ବରଷା ପଡ଼େ ଝରି,
ଫୁଟି ଭାସି ଯାଏ ପାଣିରେ ଫୋଟକା ଅସୁମାରି ।

ଭାସି ଯାଆ ମୋର କାଗଜ ଡଙ୍ଗା ଭାସିଯାଆ,
ଡରିଯିବୁ ନାହିଁ ଆକାଶରେ ଦେଖି ମେଘ ବାଆ ।
ଝୁଲିଝୁଲି ତୁହି ଦୂରକୁ ଦୂରକୁ ଯାଆ ଭାସି,
ଡଙ୍ଗାରେ ! ତୋତେ ମେଲାଣି ଦେଲି ମୁଁ ହସିହସି ।



କାର୍ତ୍ତିକ ମାସେ ବୋଇତ ମେଲାଇ ଦରିଆରେ,
ସାଧବେ ଆମର ଯାଉଥିଲେ ଦୂର ଦେଶ ପାରେ ।
ଝଡ଼ ତୋଫାନକୁ ନ ଥିଲା ତାଙ୍କର ତିଳେ ଡର,
ଆସୁଥିଲେ ଫେରି ଆଷାଢ଼ରେ ସାରି କାରବାର ।

ବୋଇତରେ ଭରି ଧନ ଦଉଲତ ହୋଇ ଖୁସି,
ଫେରୁଥିଲେ ଘରେ ଦରିଆପାରିରୁ ମିଳିମିଶି ।
ବୋଇତ ମଙ୍ଗେ ଶୁଭ ନାରିକେଳ ଜଳ ଢାଳି,
ଝିଅ ବୋହୂ ମିଶି ବନ୍ଦାଉଥିଲେ ଦୀପ ଜାଳି ।

ଯାଇଛି ସେ କାଳ ଆସିଛିରେ ଏବେ ନୂଆ ବେଳା,
ପାରାଦୀପେ ଆସି ଲାଗଇ ଜାହାଜ ଭେଳାଭେଳା ।
ଅଟକି ଗଲୁକି କଥା ମୋର ଶୁଣି, ଯାଆ ଭାସି,
ବିଦାୟ ଦେଉଛି ତୋତେ ମୁହିଁ ଏବେ ହସି ହସି ।

ଏଇ ହାତେ ତୋତେ ଗଢ଼ିଛି ମୁଁ କେତେ ଭରସାରେ,
ଖେଳିଛି ତୋ ସାଥେ ଏହିପରି କେତେ ବରଷାରେ ।
ଭାସି ଯାଆ ମୋର କାଗଜ ଡଙ୍ଗା ଭାସି ଯାଆ,
ବାଟଯାକ କେତେ ନୂଆ ନୂଆ ସାଥୀ ଭେଟୁଥାଆ ।

ଆସ ଜାଣିବା କେତୋଟି ନୂଆ ଶବ୍ଦ

ଓଳି, ଅସୁମାରି, ମଙ୍ଗ, ମେଲାଣି, ଦରିଆ, ତିଳେ, ବିଦାୟ, ଭେଳାଭେଳା, ଭରସା

ଶିକ୍ଷକଙ୍କ ପାଇଁ ସୂଚନା

- ଅତୀତର ନୌବାଣିଜ୍ୟ ଏବଂ ଗୌରବମୟ ସଂସ୍କୃତି ସମ୍ବନ୍ଧରେ କହିବେ ।
- ଋତୁଚକ୍ର ଏବଂ ବର୍ଷାଋତୁ ସଂପର୍କରେ ବର୍ଣ୍ଣନା କରିବେ ।
- କାର୍ତ୍ତିକ ମାସର ବୋଇତ ବନ୍ଦାଣ ବିଷୟରେ କହିବେ ।
- ପାରାଦୀପ ବିଷୟରେ କହିବେ ।

ଅଭ୍ୟାସ

୧. ଆସ କଥା ହେବା ।

(କ) ବର୍ଷା ହେଉଥିବା ବେଳେ ଆକାଶରେ କ'ଣ ଦେଖାଯାଏ ?

(ଖ) କେଉଁମାନେ ଆଗେ ବୋଇତରେ ବଣିଜ କରିବାକୁ ଦୂର ଦେଶକୁ ଯାଉଥିଲେ ?

(ଗ) ସାଧବମାନେ ବଣିଜ କରିବାକୁ ଯାଇ କେବେ ଫେରୁଥିଲେ ?

(ଘ) ଝିଅ ବୋହୂମାନେ କିପରି ବୋଇତ ବନ୍ଦାଉଥିଲେ ?

(ଙ) ଆମ ରାଜ୍ୟର କେଉଁଠି ଭେଳାଭେଳା ହୋଇ ଜାହାଜ ଲାଗୁଛି ?

୨. ତୁମେ ସମସ୍ତେ କବିତାର ଗୋଟିଏ ଗୋଟିଏ ପଦକୁ ଅଭିନୟ ସହ ଗାଇ ଶୁଣାଅ ।

୩. (କ) କାଗଜରେ ଡଙ୍ଗା ତିଆରି କରିବା ପରି କାଗଜରେ ଆଉ କ'ଣ ତିଆରି କରିବା ଶିଖିଛ ଲେଖ ଓ କର ।

(ଖ) ତୁମେ ଯେପରି କାଗଜ ଡଙ୍ଗା ପାଣିରେ ଭସାଇ ଆନନ୍ଦ ପାଅ, ସେହିପରି ଏଇ ଜିନିଷକୁ କ'ଣ କରିବ ଲେଖ ।



____

____

____

____

୪. ବର୍ଷା ହେଉଥିବା ସମୟରେ ତୁମେ ଘର ବାରଣ୍ଡାରେ ବସିଛ । ଏହି ସମୟରେ ଯାହା ଦେଖୁଛ ତା'କୁ ପାଞ୍ଚଟି ଧାଡ଼ିରେ ଲେଖ ।

____

____

____

____

____

୫. (କ) ଡଙ୍ଗାରେ ଥିବା କେଉଁ ଶବ୍ଦ ସହିତ ଡଙ୍ଗା ତଳେ ଥିବା କେଉଁ ଶବ୍ଦର ମେଳ ଅଛି, ଗାର ଟାଣି ଦେଖାଅ ।

(ଖ) ମଝିରେ ଥିବା ନାମ ସହିତ କେଉଁ କେଉଁ ଚିତ୍ରର ମେଳ ଅଛି ଗାର ଟାଣି ଦେଖାଅ।

୬. (କ) **'ବାଟଯାକ କେତେ ନୂଆ ନୂଆ ସାଥୀ ଭେଟୁଥାଆ'** – ଏ କଥାଟିକୁ କିଏ କାହାକୁ କହିଛି ?

(ଖ) **'ଯାଇଛି ସେ କାଳ ଆସିଛିରେ ଏବେ ନୂଆ ବେଳା'**

- 'ସେ କାଳ' କେଉଁ ସମୟକୁ କୁହାଯାଇଛି ? ଉ. ______
- ସେ କାଳରେ କ'ଣ ହେଉଥିଲା ? ଉ. ______
- 'ନୂଆ ବେଳା' କେଉଁ ସମୟକୁ କୁହାଯାଇଛି ? ଉ. ______
- 'ନୂଆ ବେଳା' ବୋଲି କାହିଁକି କୁହାଯାଇଛି ? ଉ. ______

୭. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ଲଗାଇ ଆସ ଆମେ ବାକ୍ୟ ଗଢ଼ିବା ।

ଝିପିଝିପି, ଝୁଲିଝୁଲି, ହସିହସି, ଭେଳାଭେଳା, ନୂଆନୂଆ

୧. ______
୨. ______
୩. ______
୪. ______
୫. ______

୮. ଏଇ ଚିତ୍ରଟିରେ ଆଉ କ'ଣ ଯୋଡ଼ିଲେ ବର୍ଷା ହେଉଥିବାର ଏକ ଦୃଶ୍ୟ ହେବ ?



ଏବେ ଚିତ୍ରଟିରେ ରଙ୍ଗ ଦିଅ ।

୯. ଆମ ରାଜ୍ୟର ପାରାଦୀପଠାରେ ବନ୍ଦର ଅଛି । ସେହିପରି ଆମ ଦେଶରେ ଆଉ କେଉଁ କେଉଁ ଠାରେ ବନ୍ଦର ଅଛି ତା'ର ଗୋଟିଏ ତାଲିକା କର । ତା' କଡ଼ରେ ସେ ସ୍ଥାନ ସବୁ କେଉଁ ରାଜ୍ୟରେ ଅବସ୍ଥିତ ଲେଖ । (ନ ପାରିଲେ ପଚାରି ଲେଖ)

୧୦. ଆମ ରାଜ୍ୟର ସାଧବପୁଅମାନଙ୍କ ବିଷୟରେ ଲେଖ ।